# ଝଣ୍ଡା ପୋତାରୁ ‘ଝଣ୍ଡାଛକ’





ପ୍ରତ୍ୟେକ ରାଜନୈତିକ କାର୍ଯ୍ୟକ୍ରମ ଝଣ୍ଡାଛକରେ ଆୟୋଜନ ହେଉଥିଲା। ହଜାର ହଜାର ଲୋକଙ୍କ ପାଇଁ ସଭାର ଆୟୋଜନ କରାଯାଉଥିଲା। ସେଠାରେ ରାସ୍ତା ମଝିରେ ଝଣ୍ଡା ରହିଥିଲା। କିନ୍ତୁ ରାସ୍ତାର ସମ୍ପ୍ରସାରଣ ପାଇଁ ଏହାକୁ ସ୍ଥାନାନ୍ତରଣ କରାଯାଇ ରାସ୍ତାକଡ଼ରେ ରଖାଯାଇଛି।

– ସନ୍ଦୀପ ଅଓ୍ବସ୍ଥୀ(ସ୍ଥାନୀୟ ବାସିନ୍ଦା)



ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ପ୍ରମୁଖ ସ୍ଥାନ ଥିଲା ଝଣ୍ଡାଛକ। ଏହି ଛକକୁ ବାଦ୍‌ଦେଇ କୌଣସି କାର୍ଯ୍ୟକ୍ରମ ଆୟୋଜନ ବିଷୟରେ ଚିନ୍ତା କରାଯାଇ ନ ପାରେ। ଏବେବି ଅନେକ କାର୍ଯ୍ୟକ୍ରମ ଏଠାରେ କରାଯାଉଛି।

– ବାଲଗୋବିନ୍ଦ ମିଶ୍ର(ସ୍ଥାନୀୟ ବାସିନ୍ଦା)

ରିପୋର୍ଟ–ପ୍ରଭଞ୍ଜନ ମିଶ୍ର

ଝାରସୁଗୁଡ଼ା ସହରରେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ପ୍ରମୁଖ ସ୍ଥାନ ଥିଲା ଝଣ୍ଡାଛକ(ଝଣ୍ଡାଚୌକ୍)। ଅବସ୍ଥିତି ଅନୁସାରେ ଏହି ସ୍ଥାନଟି ସହରର ମଧ୍ୟଭାଗରେ ରହିଥିବାରୁ ଲୋକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଝଣ୍ଡାଛକ ବେଶ୍ ଗୁରୁତ୍ୱ ବହନ କରିଥିଲା। ସ୍ୱାଧୀନତା ପରେ ବହୁବର୍ଷ ଧରି ଏହି ଛକର ଗୁରୁତ୍ୱ ବଜାୟ ରହିଥିଲା। ହେଲେ ସମୟ ପରିବର୍ତ୍ତନ ସହ ସହରର ସ୍ଥିତି ମଧ୍ୟ ବଦଳିଛି। ସେଥିପାଇଁ ଗତ ଦୁଇଦଶନ୍ଧି ହେବ ଏହି ଛକର ଗୁରୁତ୍ୱ କମିଛି। ଏଥିସହିତ ତାଳ ଦେଇ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଗନ୍ତବ୍ୟ ସ୍ଥଳ ମଧ୍ୟ ପରିବର୍ତ୍ତନ ହୋଇଛି ।

୧୯୪୭ ପୂର୍ବରୁ ଝଣ୍ଡାଛକର ସେପରି କୌଣସି ନାମ ନ ଥିଲା। ସହରର ଏକ ଅଂଶବିଶେଷ ଭାବେ ଏହା ପରିଚିତ ଥିଲା। ଦେଶ ସ୍ୱାଧୀନ ପରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଶ୍ରୀମଙ୍ଗଳ ପ୍ରସାଦ ଅଓ୍ବସ୍ଥୀ, ନାରାୟଣ ପ୍ରସାଦ ମିଶ୍ର, ଗୋବିନ୍ଦ ରାମ ଖୈତାନ୍, ପ୍ରହ୍ଲାଦ ଲାଠ୍, କମଳା ପ୍ରସାଦ ମୁରାର୍‌କା, ବାଲମୁକୁନ୍ଦ ମୁରାର୍ ପ୍ରମୁଖ ସେହି ଛକରେ ତ୍ରିରଙ୍ଗା ପତାକା(ଝଣ୍ଡା) ଉତ୍ତୋଳନ କରିଥିଲେ। ସେହି ସ୍ଥାନରେ ସ୍ଥାୟୀ ଭାବେ ପତାକା(ଝଣ୍ଡା) ରହିବା ଏବଂ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସରେ ମନମୋହନ ସ୍କୁଲରୁ ପରେଡ ସେଠାକୁ ଆସୁଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ଦ୍ୱାରା ପତାକା ଉତ୍ତୋଳନ ହେଉଥିଲା। ଝଣ୍ଡାଛକର ନାମକରଣ ନେଇ କୌଣସି ସ୍ପଷ୍ଟ ତାରିଖ ନ ଥିଲେ ମଧ୍ୟ ଝଣ୍ଡା ବା ପତାକାର ସ୍ଥାୟିତ୍ୱକୁ ନେଇ ସ୍ୱାଧୀନତା ପରେ ଏହି ଛକକୁ ଲୋକ ଝଣ୍ଡାଚୌକ୍ କହିବାକୁ ଲାଗିଲେ। ସେହି ଅଞ୍ଚଳରେ ହିନ୍ଦୀ ଭାଷାଭାଷି ଲୋକଙ୍କ ବହୁଳତା କାରଣରୁ ଏହାର ନାମ ଝଣ୍ଡାଚୌକ୍ ଏବଂ ଓଡ଼ିଆରେ ଝଣ୍ଡାଛକ ବୋଲି କୁହାଯାଏ।

ରୀତିମତ ସେବେଠାରୁ ସ୍ଥାୟୀ ଭାବେ ଏହି ଛକରେ ପତାକା ଉତ୍ତୋଳନ ହେବାକୁ ଲାଗିଲା। ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ବିହାରୀ ରାମ ତନ୍ତୀ, ଶୁକଦେବ ପ୍ରସାଦ ଶ୍ରୀଓ୍ବାସ୍ ଏବଂ ଅନ୍ୟମାନଙ୍କ ଦ୍ୱାରା ଏହି ଝଣ୍ଡାର ରକ୍ଷଣାବେକ୍ଷଣ କରାଯିବା ସହ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସରେ ସେମାନଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଉଥିଲା ବୋଲି ବର୍ତ୍ତମାନର ସ୍ଥାନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ବାଲଗୋବିନ୍ଦ ମିଶ୍ର କହିଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱବହନ କରୁଥିବା ଏହି ଛକରେ ମୋରାର୍‌ଜୀ ଦେଶାଇ, ବିଜୁ ପଟ୍ଟନାୟକ, ଶିବାଜୀ ପଟ୍ଟନାୟକ, ସଞ୍ଜୀବ ରେଡ୍ଡୀ, ବିଜୟରାଜେ ସିନ୍ଧିଆ, ଲଳିତ ନାରାୟଣ ମିଶ୍ର ଏବଂ ଆହୁରି ଅନେକ ନେତାଙ୍କ ରାଜନୈତିକ ସଭା ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ଦିବସ ଏବଂ ସାଧାରଣତନ୍ତ୍ର ଦିବସ ବ୍ୟତୀତ, ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ପତିଆରାକୁ ଦୃଷ୍ଟିରୁ ସେହିଦଳର ଝଣ୍ଡା ସେଠାରେ ଲଗାଯାଉଥିଲା ବୋଲି କୁହାଯାଏ। ହେଲେ ୧୯୯୧ରେ ଜନତା ଦଳ ସ୍ଥାନୀୟ କ୍ଷମତା ହାତେଇବା ପରେ ରାଜନୈତିକ ପତାକା ଲଗାଇବା ପରମ୍ପରା ବନ୍ଦ ହୋଇଥିଲା ଏବଂ କେବଳ ତ୍ରିରଙ୍ଗା ପତାକା ଲଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା ବୋଲି ସ୍ଥାନୀୟ ବାସିନ୍ଦା ସନ୍ଦୀପ ଅଓ୍ବସ୍ଥୀ କହିଛନ୍ତି। ଏବେ ସେଠାରେ ସଭା ସମିତିର ସଂଖ୍ୟା କମିଯାଇଛି, କିନ୍ତୁ ଝଣ୍ଡାଛକର ଗୁରୁତ୍ୱ ସେପରି ରହିଛି।

# ରମା ଭ୍ରମର ପ୍ୟାଲେସ

**ସ୍ଥାପିତ-୨୦୦୪**
**ଫ୍ଲାଟ ସଂଖ୍ୟା-୮୦**
**ପରିବାର ସଂଖ୍ୟା-୮୦**
**ଲୋକ ସଂଖ୍ୟା-୪୦୦**
**ସୋସାଇଟି ନାମ-ରମା ଭ୍ରମର ପ୍ୟାଲେସ ଓନର୍ସ ଓ୍ବେଲଫେୟାର ଆସୋସିଏଶନ**
**ସଭାପତି-ପ୍ରଦ୍ୟୁମ୍ନ ପାତ୍ର**
**ସମ୍ପାଦକ-ଦେବେଶ ଦାସ**
**କୋଷାଧ୍ୟକ୍ଷ-ସରୋଜ କୁମାର ପଣ୍ଡା**
**ପରିଚାଳକ-ରଜତ କୁମାର ପଣ୍ଡା**




କଳ୍ପନାରୁ କଟକ ରୋଡ୍‌ରେ ରସୁଲଗଡ଼ ଯିବା ରାସ୍ତାରେ ବମିଖାଲ ଛକର ବାମପାର୍ଶ୍ୱରେ ପଡ଼େ ରମା ଭ୍ରମର ପ୍ୟାଲେସ। ଏଠାରେ ବିଭିନ୍ନ ଭାଷାଭାଷୀର ଲୋକ ରୁହନ୍ତି, ଯାହା ଏହି ଆପାର୍ଟମେଣ୍ଟର ଏକ ସ୍ୱତନ୍ତ୍ର ପରିଚୟ। ଗୁଜରାଟୀ, ମାରଓ୍ବାଡି, ବଙ୍ଗାଳୀ, ବିହାରୀ, ଓଡିଆ ଓ ଅନ୍ୟ ଅଣଓଡିଆ ଲୋକମାନେ ଏଠାରେ ରହୁଛନ୍ତି। ସମସ୍ତଙ୍କ ମଧ୍ୟରେ ଭାଇଚାରା ରହିଛି। ଆପାର୍ଟମେଣ୍ଟରେ ୨୪ ଘଣ୍ଟିଆ ସୁରକ୍ଷା ସହ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଏଠାରୁ ରାଜଧାନୀର ବିଭିନ୍ନ ସ୍ଥାନକୁ ଯୋଗାଯୋଗ ସହଜ ହେଉଥିବାରୁ ଲୋକମାନେ ଏହି ଆପାର୍ଟମେଣ୍ଟରେ ରହିବାକୁ ପସନ୍ଦ କରୁଛନ୍ତି।

## ସୁରକ୍ଷାକୁ ଗୁରୁତ୍ୱ ଦିଆଯାଏ



ଆପାର୍ଟମେଣ୍ଟରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ସର୍ବଦା ପ୍ରାଥମିକତା ଦିଆଯାଇଥାଏ। ଅନ୍ୟ ସୋସାଇଟି ଅପେକ୍ଷା ଏଠାରେ ଲୋକମାନଙ୍କୁ ଉତ୍ତମ ସେବା ମିଳିଥାଏ। ଭୁବନେଶ୍ୱରର ପୁରୁଣା ଆପାର୍ଟମେଣ୍ଟ ମଧ୍ୟରୁ ଏହା ଅନ୍ୟତମ। ଏଠାରେ ରହିବା ପାଇଁ ପୋଲିସ ଭେରିଫିକେଶନ ଦରକାର ପଡ଼ିଥାଏ। ସମସ୍ତ ଲୋକ ସୋସାଇଟିର ନିୟମକୁ ପାଳନ କରନ୍ତି। ବରିଷ୍ଠ ନାଗରିକମାନେ ଆପାର୍ଟମେଣ୍ଟ ପରିସରରେ ମର୍ନିଂ ଏବଂ ଇଭିନିଂ ଓ୍ବାକ୍ କରନ୍ତି। କମ୍ୟୁନିଟି ହଲରେ ବିଭିନ୍ନ ମିଟିଂ ଆୟୋଜନ କରାଯିବା ସହ ଅନ୍ୟ ସ୍କୁଲ କଲେଜର ସେମିନାର ମଧ୍ୟ ଆୟୋଜନ କରାଯାଇଥାଏ। – **ପ୍ରଦ୍ୟୁମ୍ନ ପାତ୍ର, ସଭାପତି**

## ପରିଷ୍କାର ପରିଚ୍ଛନ୍ନତା ପ୍ରତି ସମସ୍ତେ ସଚେତନ



ସମସ୍ତ ବାସିନ୍ଦା ପରିଷ୍କାର ପରିଚ୍ଛନ୍ନତା ପ୍ରତି ସଚେତନ ରୁହନ୍ତି। ବର୍ଷକୁ ଦୁଇ ଥର ପାଣି ଟାଙ୍କି ଓ ପାଣି ପାଇପ ସଫା କରାଯାଏ। ଯେପରି ଫ୍ଲାଟ ବାସିନ୍ଦାମାନେ ପାଣି ଯୋଗୁ କୌଣସି ରୋଗରେ ନ ପଡ଼ନ୍ତି, ସେଥିଲାଗି ସତର୍କ ରହୁ। ଆପାର୍ଟମେଣ୍ଟ ପରିସରକୁ ପରିଷ୍କାର ରଖାଯାଏ। ଆଗକୁ ଆପାର୍ଟମେଣ୍ଟର ନିଜସ୍ୱ ଖାଲି ସ୍ଥାନରେ ସୋଲାର ପ୍ଲାଣ୍ଟ ସ୍ଥାପନ କରି ବିଦ୍ୟୁତ୍ ଉତ୍ପାଦନ କରିବା ବ୍ୟବସ୍ଥା କରାଯାଉଛି। ଅନ୍ୟ ସୋସାଇଟି ତୁଳନାରେ ଏଠାରେ ସମସ୍ତ ପ୍ରାଥମିକ ସୁବିଧା ଉପଲବ୍ଧ ରହିଛି।

– **ଦେବେଶ ଦାସ, ସମ୍ପାଦକ**

### ଉତ୍ସବ ଓ ପର୍ବପର୍ବାଣି

ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଗଣେଶ ପୂଜା, ସରସ୍ୱତୀ ପୂଜା, ହୋଲି, ନବରାତ୍ର, ଦୀପାବଳି ଧୁମଧାମରେ ପାଳନ କରାଯାଏ। ଏହି ସମୟରେ ଆପାର୍ଟମେଣ୍ଟର ବିଭିନ୍ନ ପରିବାର ଏକାଠି ହୋଇଥାନ୍ତି। ଗଣେଶ ପୂଜା ଓ ସରସ୍ୱତୀ ପୂଜାରେ ସୋସାଇଟି ତରଫରୁ ଭୋଜି ଭାତର ଆୟୋଜନ କରାଯାଇଥାଏ।

ରିପୋର୍ଟ: ଜ୍ୟୋତିରଞ୍ଜନ ମହାପାତ୍ର
ଫଟୋ: ବିକାଶ ନାୟକ



# ଲୁକ୍‌କର ଭଲପାଏବାର ଥିଲେ କଂଠଶିଲ୍‌ପି ବଂଚିପାରବ।

## ଧରିତ୍ରୀ ଆଲାପ

**ଶଶାଙ୍କ ଶେଖର। ଓଡ଼ିଆ ସିନେ ଜଗତର ଝନେ ଜନାଶୁନା କଂଠଶିଲ୍‌ପି। 'ପ୍ରେମ୍ ୱେଡ୍‌ସ ପ୍ରିୟା' ଚଲଚିତ୍‌ର ଜରିଆରେ ନିଜର କ୍ୟାରିୟର ଆରମ୍ କରିଥିବାର ଶଶାଙ୍କ 'ଲଭ୍ ପାଇଁ କୁଛ୍‌ଭି କରେଗା', 'କଲ୍କି', 'ସମୟ ବଡ଼ ବଳବାନ', 'ହାପି ଲକି' ଲେଖେଁ ବହୁତ୍‌ଟେ ସୁପରହିଟ୍ ଫିଲ୍ମରେ କଂଠ୍‌ଦାନ କରି ଶୁରୁତାକର ହୁର୍ଦ୍ଦ୍ ଜିତି ପାରିଛନ୍। 'ତୁ କହିବୁ ନା ମୁଁ' ଚଲଚିତ୍‌ରର 'ଦିନେ ଫୁଟିଥିଲା ଫୁଲ' ଗୀତ୍ ଲାଗି ସେ ପରଦାପଛର ଗାଏକ୍ ହିସାବେ ରାଏଜ୍ ପୁରସ୍କାର ପାଇଥିଲେ। ଓଡ଼ିଶାରେ ଦୁଇଟା ରିଆଲିଟି ଶୋ'ରେ ଭାଗ୍ ନେଇ ରନର୍ସ ଅପ୍ ଆର୍ ବିଜେତା ହେଇଥିଲେ। ସେ ୟୁଟ୍ୟୁବ୍‌ରେ ୧୫ଟା କଭର ସଙ୍ଗ ଗାଇଛନ୍। ଜାତୀୟ ଚ୍ୟାନେଲ 'କଲର୍ସ'ର ରିଆଲିଟି ଶୋ 'ରାଇଜିଂ ଷ୍ଟାର'ରେ ଭାଗ୍‌ନେଇ ଟପ୍ ୧୬କେ ଯାଇଥିବାର ଶଶାଙ୍କର ସଂଗେ 'ଧରିତ୍ରୀ'ର ଆଲାପ।**

–ସାକ୍ଷାତ୍: ଅସମାପିକା ସାହୁ

✪ସଂଗୀତ୍ ଜଗତ୍‌କେ କେନ୍‌ଥେଇ ଆଏଲେ?
ଛୋଟ ବେଲୁ ସଂଗୀତ୍ ଉପ୍‌ରେ ମୋର ଦୁର୍‌ବଲତା ଥିଲା। ସ୍କୁଲ୍‌ରେ ପାଠ୍‌ପଢ଼ଲା ସମିଆରେ ବହୁତ୍‌ଟେ ସଂଗୀତ୍ ପର୍‌ତିଯୋଗିତାରେ ଭାଗ୍ ନେଇଥିଲି। ସଂଗୀତ୍‌ରେ କ୍ୟାରିୟର କରବାର ଲାହାଁସେ ମୁଇଁ ୨୦୦୫ରେ ସଂଗୀତ୍ ମହାବିଦ୍ୟାଳୟରେ ନାଁ ଲେଖେଇଥିଲି। ସେଠାନେ ମୁଇଁ ସଂଗୀତ୍ ଶିଖ୍‌ଲି। ପଛେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପିଜି କଲି।

✪ ପହେଲା ଫିଲ୍ମ 'ପ୍ରେମ୍ ୱେଡ୍‌ସ ପ୍ରିୟା'ରେ ଗୀତ୍ ଗାଏବାର ସୁଯୋଗ୍ କେନ୍‌ଥେଇ ପାଏଲେ?
୨୦୧୦ରେ ଗୁଟେ ରିଆଲିଟି ଶୋ'ରେ ଭାଗ୍ ନେଇ ମୁଇଁ ରନର୍ସ ଅପ୍ ହେଇଥିଲି। ସେ ଶୋ'ରେ ଭାଗ୍ ନେଇଥିବାର ପର୍‌ତିଯୋଗୀକୁଁ ଗୁଟେ ଫିଲ୍ମରେ ଗୀତ୍ ଗାଏବାର ଲାଗି ନିଷ୍‌ପତି ହେଇଥିଲା। ସେଥିରଲାଗି ସେ ଫିଲ୍ମରେ ବହୁତ୍‌ଟେ ନୂଆଁ କଂଠ୍‌ଶିଲ୍‌ପି ଗୀତ୍ ଗାଇଥିଲେ।

✪ ରେକର୍ଡିଂର ପହେଲା ଦିନର ଅନୁଭୂତି କେନ୍‌ତା ଥିଲା?
ଷ୍ଟୁଡିଓରେ ଗୀତ୍ ଗାଏଲା ଉତାରୁ ବହୁତ୍ ପରଶଁସା ମିଲିଥିଲା। ରେକର୍ଡିଂ ସାରି କଟକରୁ ମୁଇଁ ବସ୍‌ରେ ଫିରୁଥିଲି। ଆଏଲା ବେଲେ ଏତେ ଖୁସ୍ ଲାଗୁଥାଏ ଯେ, ମନେ ମନେ ସେ ଗୀତ୍‌ଟା ଗୁନ୍‌ଗୁନେଇଁ ହେଉଥାଏଁ।

✪ ପରଦା ପଛର ଗାଏକ୍ ହିସାବେ ରାଏଜ୍ ପୁରସ୍‌କାର ପାଇଥିଲେ। ସେ ସମିଆରେ କାଣା ଅନୁଭବ କରିଥିଲେ?
ଗୀତ୍‌ଟା ବହୁତ୍ ଭଲ୍ ଥିଲା, ଯେନ୍‌ଥିରେ ଖାଁଟି ଓଡ଼ିଆ କଥା ରହିଥିଲା। ଗୁଟେ ଭିନେ କିସ୍‌ମର ଗୀତ୍ ଥିଲା। ସେଥିରଲାଗି ରାଏଜ୍ ପୁରସ୍‌କାର ଲାଗି ବଛାଯାଇଥିଲା ଆର ପାଇଥିଲା। ସେ ସମିଆର ଖୁସିଟା ଗୁଟେ ଅଗ୍ ପରକାରର ଥିଲା।

✪ ଓଡ଼ିଶାରେ 'ସିଙ୍ଗିଙ୍ଗ ସୁପରଷ୍ଟାର'ର ବିଜେତା ହେଇଥିଲେ, ହେଲେ କଲର୍ସ ଚ୍ୟାନେଲର 'ରାଇଜିଂ ଷ୍ଟାର'ରେ ଭାଗ୍‌ନେଲା ଉତାରୁ ଲୋକ୍‌ପିରିଅତା ପାଇଥିଲେ। ଇ ବାବ୍‌ଦେ କାଣା କହେବେ?
ଫିଦିନ୍ ଲୋକ୍‌ମାନେ ଅପ୍‌ଡେଟ୍ ରହୁଛନ୍। ସେଥିରଲାଗି ଆମକୁ ସବୁବେଲେ ଅପ୍‌ଡେଟ୍ ରହେବାକେ ପଡ଼ବା। ସୋସିଆଲ ମିଡିଆ ହେଉ କି ଉନିଆ କେହେନ୍‌ସି ପରକାରେ, ଆମ୍‌କୁ ଅପ୍‌ଡେଟ୍ ହେବାକେ ପଡ଼୍‌ବା। ସେଥିରଲାଗି ମୁଇଁ ଭାବ୍‌ସିଁ ଯେ 'ରାଇଜିଂ ଷ୍ଟାର' ମୋର ଲାଗି ଗୁଟେ ଜରିଆ ଥିଲା। ଇତାର ବାହାରେ ମୁଇଁ ଇଥିରଲାଗି ବହୁତ ପରିଶ୍‌ରମ କରିଥିଲି।

✪ 'ରାଇଜିଂ ଷ୍ଟାର'ର କେତେ ଅଭୁଲା ସୁଁର୍‌ତି ବାବ୍‌ଦେ କହେବେ କାଏଁ?
'ରାଇଜିଂ ଷ୍ଟାର' ନାଁଟା ମୋର ସବୁଦିନର ଲାଗି ମନେ ରହେବା। କାରନ୍ ସେ ମଞ୍ଚ ମୋତେ ବହୁତ୍ ବଡ଼ ବଡ଼ ଲୁକ୍‌କୁ ଭେଟ୍‌ବାର ସୁଯୋଗ ଦେଇଥିଲା। ସେମାନ୍‌କୁ ମୁହାଁମୁହିଁ ଭେଟ୍‌ବାର ସଂଗେ ସେମାନକରନୁ ଶିଖ୍‌ବାକେ ମିଲିଥିବାର ବହୁତ୍ କଥା ସବୁଦିନର ଲାଗି ମନେ ରହେବା।

✪ ଝନେ ପରଦା ପଛର ଗାଏଗ୍ ହେବାକେ ହେଲେ ରିଆଲିଟି ଶୋ ନିହାତି ଜରୁରୀ କାଏଁ?
ନାଁଇଁ, ସେନ୍‌ତା କିଛି ନାଁଇଁନ। ପହେଲା କଥା ହେଉଛେ ସେ ନିଜର ଭାଏଗ୍ ଉପ୍‌ରେ ନିର୍‌ଭର କରୁଛେ। ଦୁତିଅ କଥା ହେଉଛେ ନିଜ୍‌କେ ଝନ୍‌କର ପାସ୍‌କେ ପୁହୁଁଚାବାକେ ହେଲେ ଗୁଟେ ଜରିଆ ଦରକାର। ସେଥିରଲାଗି ଆଏଜ୍‌କାଲିର ସମିଆରେ ସେ ଜରିଆଟା ହେଉଛେ ରିଆଲିଟି ଶୋ।

✪ ୟୁଟ୍ୟୁବ୍‌ରେ ବହୁତ୍‌ଟେ କଭର ସଙ୍ଗ ଗାଇଛନ୍। ସେ ବାବ୍‌ଦେ କାଣା କହେବେ?
ୟୁ୍ୟଟୁବ୍‌ରେ ସଭେ ହିନ୍ଦୀ ଗୀତ୍ ଗାଏସନ୍। ଓଡ଼ିଆ ଆମର ମାତୃଭାଷା ଆର୍ ଇଥିରେ ବହୁତ୍ ଭଲ ଗୀତ୍ ରହିଛେ। ସେଥିରଲାଗି ସେଥିରେ କେତେ ପରିବର୍‌ତନ୍ କରି ଗାଏବାର ଚେଷ୍‌ଟା କଲି। ପହେଲା ଗୀତ୍‌ରେ ଲୁକ୍‌ରନୁ ବହୁତ୍ ଭଲପାଏବାର ମିଲିଥିଲା। ହେଲେ ଖାଲି ଲୋକ୍‌ପିରିଅତାର ଲାଗି ନୁହେ, ନିଜର ଆତ୍‌ମସନ୍‌ତୋଷ ଲାଗି ଇଟାକେ ଜାରି ରଖିଥିଲି। ଇତାର ସଂଗେ ବାହାରେ ରହୁଥିବାର ଓଡ଼ିଆମାନକର ପାସ୍‌କେ ଓଡ଼ିଆ ଗୀତ୍ ପୁହୁଁଚାବାର ଗୁଟେ ଚେଷ୍‌ଟା କରିଛେଁ।

✪ କାହାରଦୁଆରା ଅନୁପରାନିତ୍ ହେଇଛନ୍ କାଏଁ?
ସଙ୍ଗୀତଜ୍ଞ ପ୍ରେମ୍ ଆନନ୍ଦ। ତାଁକର ଶିଖାବାର ଶଇଲି ମୋତେ ବହୁତ୍ ଆଗ୍‌କେ ନେଇଛେ।

✪ ଆପନ୍ କଂଠ୍‌ଦାନ୍ କରିଥିବାର କେନ୍ ଫିଲ୍ମ ଆଏବାର ଅଛେ?
'ସାଥୀ ତୁ ଫେରି ଆ' ଚଲଚିତ୍‌ରରେ ମୋର ଦୁଇଟା ଗୀତ୍ ରହିଛେ।

✪ ସଙ୍ଗୀତକେ ନେଇ କାଣା କରବାର ଲକ୍ଷ୍ୟ ରଖିଛନ୍?
ଓଡ଼ିଆ ଗୀତ୍‌କେ ଯେତେ ହେଇପାରବା ପର୍‌ଚାର ପର୍‌ସାର କରବାର ଲାଗି ଚେଷ୍‌ଟା କରମି। ଯୁବପିଢ଼ିକର ଲାଗି ଓଡ଼ିଆ ଗୀତ୍‌ର ଢ଼ାଁଚା ବଦ୍‌ଲାବାକେ ଚାହିଁମି।

✪ ସଙ୍ଗୀତ୍ କ୍ଷେତ୍‌ରରେ କାମ୍ କରି ଭଲ୍ ଘର ଚଲେଇ ହେସି କାଏଁ?
ଘାଏ ଘାଏ ବଡ଼ା ଦୁଖ୍ ଲାଗ୍‌ସି। ଯେହେତୁ ସଙ୍ଗୀତ ଦୁନିଆରେ କାମ୍ କରୁଛେଁ, ସେଥିରଲାଗି ଭିନେ ଭିନେ ଲୁକ୍‌କର ସଂଗେ ମିଶ୍‌ଲେ ଦୁଖ୍ ପାଶ୍‌ରି ଦେସିଁ। ମନ୍‌ଟା ଉଶାସ୍ ଲାଗ୍‌ସି। ଯେହେତୁ ଘର ଚଲାଇବାର ବୋଝଟା ମୋର ଉପ୍‌ରେ ଅଛେ, ସେଥିରଲାଗି ବହୁତ୍ ଥର ଚେଷ୍‌ଟା କରିଛେଁ ସଙ୍ଗୀତ୍ ଛାଡି ଚାକ୍‌ରି କରମିଁ। ସେଥିରଲାଗି ସଙ୍ଗୀତ୍ ଶିକ୍ଷକ ହିସାବେ ୩ ବଛର ଗୁଟେ ସ୍କୁଲ୍‌ରେ ଚାକ୍‌ରି କଲି। ହେଲେ ଗୁଟେ ଜାଗାରେ ବାଁଧି ହେଇ ରହେବାକେ ମୋତେ ଭଲ୍ ନାଇଁ ଲାଗ୍‌ଲା। ସବୁବେଲେ ସେ ଗହଲି ଆର୍ ଲୁକ୍‌କର ତାଲି ଦରକାର ହେଲା। ଶେଷେ ସେ ଚାକ୍‌ରି ଛାଡିଦେଲି।

✪ ଗୀତ୍ ଛଡ଼ା ଆଉର କାଣା କରବାକେ ଭଲ୍ ଲାଗ୍‌ସି?
କି-ବୋର୍ଡ ପ୍ଲେଇଂ ଭଲ୍‌ଲାଗ୍‌ସି।

ଯେନ୍‌ମାନେ ସଙ୍ଗୀତ୍‌ରେ ନିଜର କ୍ୟାରିଅର କରବାକେ ଚାହୁଁଛନ୍ ସେମାନ୍‌କୁ କାଣା କହେବେ?
ମନ୍‌ବଲ ମଜ୍‌ବୁତ କରବାର କଥା। ଡେରି ହେଉ ପଛେ ପରିଶ୍‌ରମ କରିଛ ମାନେ ସଫଲତା ନିହାତି ମିଲ୍‌ବା। ସାଧନା ଜାରି ରଖିବାର କଥା। ଯେତେ ଦିନ୍‌ତକ୍ ଲୁକ୍‌କର ଭଲପାଏବାର ଥିବା ସେତେ ଦିନ୍‌ତକ୍ ଝନେ କଂଠ୍‌ଶିଲ୍‌ପି ବଂଚିପାରବା। ଯେନ୍‌ଦିନ ସେଟା କମିଯିବା ସେଦିନ ସେ ଡୁବିଯିବା। ସେଥିରଲାଗି ସବୁବେଲେ ଗୀତ୍ ଜରିଆରେ ଆର୍ ବେଭାର ଜରିଆରେ ଲୁକ୍‌କର ଭଲ୍‌ପାଏବାର ଦରକାର।